By Speed Post/Fax/E.Mail

Government of Odisha
**Panchayati Raj & Drinking Water Department**

Odisha Secretariat, Sachibalaya Marg,
Bhubaneswar-751 001
Tel. No.-0674-2322376

No. PR-PADM-TRAN-0001-2022 6098 /PR & DW, Date: 2/4/2022

ପ୍ରେରକ

ଅଶୋକ କୁମାର ମୀନା , ଭା .ପ୍ର.ସେ .

ପ୍ରମୁଖ ଶାସନ ସଚିବ

ପ୍ରାପ୍ତେଷୁ,

ସମସ୍ତ ଜିଲ୍ଲାପାଳ,
ସମସ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡି.ଆର୍.ଡି.ଏ.
ସମସ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ,
ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ସମସ୍ତ ଗ୍ରାମପଞ୍ଚାୟତ ସରପଞ୍ଚ.

ବିଷୟ:- ଗ୍ରାମପଞ୍ଚାୟତ ଷ୍ଟାଣ୍ଡିଂ କମିଟି (ସ୍ଥାୟୀ କମିଟି) ଗୁଡ଼ିକୁ କ୍ରିୟାଶୀଳ ଓ କାର୍ଯ୍ୟକ୍ଷମ କରିବା ସମ୍ବନ୍ଧେ।

ମହାଶୟ/ମହାଶୟା,

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି କରିବାପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ପ୍ରୟାସ ଜାରି ରଖିଛି। ବିଶେଷରୂପେ ଗ୍ରାମପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ସାମାଜିକ ନିରାପତ୍ତା ଯୋଜନା, ଜୀବନ ଜୀବିକା ଯୋଜନା ଗୁଡ଼ିକୁ ସଠିକ୍ କାର୍ଯ୍ୟକାରୀ କରାଯାଇ ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ଗ୍ରାମପଞ୍ଚାୟତରେ ଥିବା ଷ୍ଟାଣ୍ଡିଂ କମିଟି ବା ସ୍ଥାୟୀ କମିଟି ଗୁଡ଼ିକର ଗୁରୁତ୍ବପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଦେଖାଯାଉଛି ଯେ, ଉପରୋକ୍ତ ଷ୍ଟାଣ୍ଡିଂ କମିଟି ଗୁଡ଼ିକର ଗଠନ ଓ କାର୍ଯ୍ୟକାରିତା ଦିଗରେ ବେଶେଷ ଦୃଷ୍ଟି ଦିଆଯାଉନାହିଁ। ଯାହାଫଳରେ ଷ୍ଟାଣ୍ଡିଂ କମିଟି ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇ ନପାରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧୀୟ ପର୍ଯ୍ୟବେକ୍ଷଣ ଓ ସ୍ଥିତି ସମ୍ବନ୍ଧୀୟ ତଥ୍ୟ ସଠିକ୍ ଯାଞ୍ଚ କରାଯାଇପାରୁନାହିଁ। ଏପରିକି ଦେଖାଯାଉଛି ଯେ, ଗ୍ରାମପଞ୍ଚାୟତ ସ୍ତରର ଅଧିକାଂଶ ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ପଞ୍ଚାୟତ ସ୍ତରରେ ଷ୍ଟାଣ୍ଡିଂ କମିଟି ଗଠନ ଓ କାର୍ଯ୍ୟକାରୀତା ସମ୍ବନ୍ଧରେ ଅଜ୍ଞ ଅଟନ୍ତି। ସୁତରାଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ପାଇଁ ଷ୍ଟାଣ୍ଡିଂ କମିଟି ଗୁଡ଼ିକୁ କାର୍ଯ୍ୟକ୍ଷମ କରାଯିବା ନିତାନ୍ତ ଜରୁରୀ। ଅତଏବ୍ ଓଡ଼ିଶା ଗ୍ରାମପଞ୍ଚାୟତ ଷ୍ଟାଣ୍ଡିଂ କମିଟି ନିୟମାବଳୀ ୨୦୦୨ ପ୍ରକାରେ କମିଟି ଗୁଡ଼ିକୁ ଗଠନ କରାଯାଇ ଏହାର କ୍ଷମତାକୁ ବିକେନ୍ଦ୍ରୀକରଣ କରାଯିବା ନିହାତି ଆବଶ୍ୟକତା ରହିଛି।

ଷ୍ଟାଣ୍ଡିଂ କମିଟି ଗୁଡ଼ିକୁ କାର୍ଯ୍ୟକ୍ଷମ କରାଗଲେ ଗ୍ରାମପଞ୍ଚାୟତରେ ଥିବା ୱାର୍ଡ଼ ସଦସ୍ୟମାନଙ୍କର ଗ୍ରାମ ପଞ୍ଚାୟତ ଶାସନ ବ୍ୟବସ୍ଥାରେ ଥିବା ଭାଗିଦାରିତାକୁ ବୃଦ୍ଧି କରାଯାଇ ପାରିବ ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଓ ଦାୟିତ୍ବକୁ ଗ୍ରାମ ପଞ୍ଚାୟତ ଷ୍ଟାଣ୍ଡିଂ କମିଟି ମାଧ୍ୟମରେ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିପାରିବେ। ଷ୍ଟାଣ୍ଡିଂ କମିଟିର ଗୁରୁତ୍ବକୁ ଉପଲବ୍ଧି କରି ୱାର୍ଡ଼ ସଦସ୍ୟ, ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କର ଆବଶ୍ୟକୀୟ ଜ୍ଞାନକୌଶଳ ଓ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରାଯିବା ଦରକାର ।

ଗ୍ରାମପଞ୍ଚାୟତ ସ୍ଥାୟୀ କମିଟି ଗଠନ ନିୟମାବଳୀ ୨୦୦୨ରେ ଏହାକୁ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଯାହାକୁ ପାଥେୟ କରି ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟରତ ନିମ୍ନ ୭ ଗୋଟି ଷ୍ଟାଣ୍ଡିଂ କମିଟି ଗୁଡ଼ିକୁ ଯଥା ଶୀଘ୍ର ଗଠନ ଓ କାର୍ଯ୍ୟକ୍ଷମ କରାଯିବ ଦିଗରେ ପଦକ୍ଷେପ ନିଆଯିବା ଲାଗି ପରାମର୍ଶ ଦିଆଗଲା।

୧. ଯୋଜନା ଅର୍ଥ ଦାରିଦ୍ର୍ୟ ଦୂରୀକରଣ ଓ ସମନ୍ବୟ

୨. କୃଷି, ପଶୁପାଳନ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ, କୃଷି, ଜଳଛାୟା ବିକାଶ ଓ ମତ୍ସ୍ୟଚାଷ

୩. ନିର୍ମାଣ, ଜଳସେଚନ, ବିଦ୍ୟୁତ, ପାନୀୟ ଜଳଯୋଗାଣ ଓ ଗ୍ରାମ୍ୟ ସ୍ୱାସ୍ଥ୍ୟରକ୍ଷା

୪. ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ

୫. ସାଧାରଣ ବଣ୍ଟନ, ଜଙ୍ଗଲ, ଦୁର୍ବଳ ଶ୍ରେଣୀର କଲ୍ୟାଣ

୬. ହସ୍ତତନ୍ତ କର୍ମ, କୁଟୀର ଶିଳ୍ପ, ଖଦୀ ଗ୍ରାମ୍ୟ ଉଦ୍ୟୋଗ ଓ ଗ୍ରାମ୍ୟ ଗୃହ ନିର୍ମାଣ

୭. ଶିକ୍ଷା, କ୍ରିଡ଼ା ଓ ସଂସ୍କୃତି

ଉପରୋକ୍ତ ସ୍ଥାୟୀ କମିଟି ଗୁଡ଼ିକ ଉପରେ ନ୍ୟସ୍ତ ଥିବା ଦାୟିତ୍ୱ ଅନୁସାରେ, ଯୋଜନା ଓ ପ୍ରକଳ୍ପ ପ୍ରସ୍ତୁତ କରି ଆବଶ୍ୟକୀୟ ସମ୍ବଳପାଇଁ ପଞ୍ଚାୟତ ସମ୍ମୁଖରେ ତଥ୍ୟ ଉପସ୍ଥାପନ କରାଯିବ ଓ ଯୋଜନା ଓ ପ୍ରକଳ୍ପର ଯଥାର୍ଥତାକୁ ରୂପାୟନ ଦିଗରେ ପ୍ରୟାସ କରାଯିବା ଦରକାର।

ଅତଏବ ଉପର ବର୍ଣ୍ଣିତ ବିଷୟପ୍ରତି ଅନୁଧ୍ୟାନ ପୂର୍ବକ ଯଥାଶୀଘ୍ର ପଞ୍ଚାୟତର ସ୍ଥାୟୀ କମିଟି ଗୁଡ଼ିକର ଗଠନ ଓ କାର୍ଯ୍ୟକ୍ଷମ କରାଯାଇ ପଞ୍ଚାୟତର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବା ଲାଗି ଅନୁରୋଧ।

ଏହାଦ୍ୱାରା ପଞ୍ଚାୟତର ଦୁର୍ବଳ, ଅବହେଳିତ, ଗରିବ ଲୋକମାନଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିବା କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରାଯାଇପାରିବ ଓ ଲୋକଙ୍କ ସହଭାଗିତାରେ ସ୍ୱଚ୍ଛତାଭିତ୍ତିକ ଓ ସ୍ଥାନୀୟ ଆବଶ୍ୟକତା ଭିତ୍ତିକ ଯୋଜନା ପ୍ରସ୍ତୁତ କରାଯାଇ ଗ୍ରାମପଞ୍ଚାୟତରେ ଉପଲବ୍ଧ ଥିବା ସମ୍ବଳର ଉତ୍ତମ ବିନିଯୋଗ କରିବା ଦିଗରେ ପଦକ୍ଷେପ ନିଆଯାଇପାରିବ। ଯାହା ଫଳରେ ଲୋକମାନଙ୍କର ଆଶା, ଆକାଂକ୍ଷା ଓ ଜରୁରୀ ଆବଶ୍ୟକତାକୁ ପୂରଣ କରିବା ଦିଗରେ ସ୍ଥାୟୀ କମିଟି ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ।

ଏହାକୁ ଅତ୍ୟନ୍ତ ଜରୁରୀ ମନେକରିବେ।

ଆପଣଙ୍କର ବିଶ୍ୱସ୍ତ

ଅଶୋକ

ପ୍ରମୁଖ ଶାସନ ସଚିବ